ସେଇଠୁ ଆରମ୍ଭ
SEITHO ARAMBHA
ଶୁକ୍ରବାର, ୨୪ ଅକ୍ଟୋବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ଚରିତ୍ରର ପରିବର୍ତ୍ତନ

ଓଡ଼ିଶା କୃଷକ ପରିବାର ନିଜ ବାଡ଼ି ଓ ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିଲା । ବର୍ଷ ସାରା ନିଜ ଉତ୍ପାଦିତ ଆଳୁ, ପିଆଜ, ରସୁଣ, ବିରି, ମୁଗ, ଅଦା, କଖାରୁ, ଶାଗ, ଭେଣ୍ଡି, ବାଇଗଣ, ଟମାଟର, ଜହ୍ନି, ଲାଉ, କାକୁଡ଼ି, ପୋଇ, ଲଙ୍କା, ନଡ଼ିଆ, କଦଳୀ ଆଦି ନିଜେ ଖାଇ ବଳକା ପଡ଼ୋଶୀଙ୍କୁ ବାଣ୍ଟୁଥିଲା ଓ ପାଖ ହାଟ ବଜାରରେ ବିକ୍ରି କରୁଥିଲା । ସେହିପରି ପ୍ରତି ପରିବାର ନିଜ ପୋଖରୀରୁ ମାଛ ଉତ୍ପାଦନ କରି ମନ ଖୁସିରେ ଖାଉଥିଲା ଓ ପଡ଼ୋଶୀମାନଙ୍କୁ ବାଂଟୁଥିଲା । କିନ୍ତୁ ଆଜି ସବୁ ପରିବର୍ତ୍ତନ । ଚାଷୀ ସଂଖ୍ୟା ଢେର୍ କମିଯାଇଛି । ଚାଷ ପ୍ରତି ଆଉ କାହାରି ଆନ୍ତରିକତା ନାହିଁ । ନିଜ ବୃତ୍ତି ଉପରେ ଭରସା ହରାଇବା ପରେ ଅଧିକ ରୋଜଗାର ଆଶାରେ ଅଧିକାଂଶ ଚାଷୀ ନିଜ ଚାଷ ଜମି ପଡ଼ିଆ ପକାଇ ରାଜ୍ୟ ବାହାରକୁ ଚାଲି ଯାଇଛନ୍ତି କିମ୍ବା ଅନ୍ୟ ବୃତ୍ତିରେ ପ୍ରବେଶ କରିଛନ୍ତି । ଗାଁରେ ଆଉ ଆଗ ଭଳି ଚାଷବାସ ନାହିଁ । ପରିବା ଚାଷ ଆଦୌ ନାହିଁ । ଗାଁର ପୋଖରୀ ସବୁ ପୋତି ହୋଇ ଗଲାଣି ବା ଦଳଭର୍ତ୍ତି ହୋଇ ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଛି । ବାହାରେ ଭଲ ରୋଜଗାର ହେଉଥିବାରୁ ସେମାନେ ଗାଁ ମାଟି ମାଡୁନାହାଁନ୍ତି । ସହଜେ ସରକାରଙ୍କ ପାଖରୁ ଟଙ୍କାଟାରେ ଚାଉଳ, ୫ଟଙ୍କାରେ ଖାଇବାକୁ ଓ ଆଉ କିଛି ଜିନିଷ ମାଗଣାରେ ମିଳୁଛି । ସେମାନେ ଆଉ ଚିନ୍ତା କରିବେ କାହିଁକି ? ବିଭିନ୍ନ ଚାଷର ଉନ୍ନତି ପାଇଁ କିଛି ସ୍ୱତନ୍ତ୍ର ନୀତି ଅଛି କି ? ଯେଉଁମାନେ କୃଷି ଉତ୍ପାଦନରେ ନିୟୋଜିତ ଥିଲେ, ସରକାର ସେମାନଙ୍କ ଉନ୍ନତି ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା କରି ନଥିବାରୁ ହିଁ ସେମାନେ ନିଜ ପେଷା ଛାଡ଼ି ବାହାରେ ଭଲ ରୋଜଗାରରେ ଅଛନ୍ତି । ଆଜି ଅବସ୍ଥା ଏପରି ହୋଇଛି ଯେ, ସାମାନ୍ୟ ପିଆଜ, ଆଳୁ ଆଦି ପରିବା ପତ୍ର ପାଇଁ ଲୋକେ କାନ୍ଦୁଛନ୍ତି । ଏହି ଅଭାବନୀୟ ଦୃଶ୍ୟ ସମସ୍ତଙ୍କୁ ଚକିତ କରୁଛି । ନିଜ ବାଡ଼ିରେ ଯେଉଁ ଜିନିଷ ମିଳୁଥିଲା, ସେସବୁ ଆଜି ଲୋକେ ଦେଖିବାକୁ ପାଉ ନାହାଁନ୍ତି । ଏହାକୁ ଓଡ଼ିଶାର ଦୁର୍ଭାଗ୍ୟ ଛଡ଼ା ଆଉ କ'ଣ କୁହାଯାଇ ପାରିବ ? ୧୯୫୨ରେ ଗ୍ରାମ୍ୟଗୋଷ୍ଠୀ ଉନ୍ନୟନ ଯୋଜନା ସାରା ଭାରତରେ କାର୍ଯ୍ୟକାରୀ ହୋଇଥିଲା । ଗାଁ ଗହଳରେ ମାଛ ଚାଷ, କୁକୁଡ଼ା ଚାଷ, ଗୋପାଳନ ଓ ଫଳ ଚାଷ ପାଇଁ ବ୍ଲକ୍ କାର୍ଯ୍ୟାଳୟ ମାନଙ୍କରେ ସଂପ୍ରସାରଣ ଅଧିକାରୀ ମାନେ ନିଯୁକ୍ତି ପାଇଲେ । ସରକାର ମଧ୍ୟ ପ୍ରୋତ୍ସାହନ ପାଇଁ ସବ୍ସିଡ଼ି ଦେଲେ । ମାତ୍ର ଆମ ରାଜ୍ୟର ହାକିମ ଓ ଲୋକମାନେ ଭାବିଲେ, ଏତେ କଷ୍ଟ କରିବା ଅପେକ୍ଷା କାଗଜପତ୍ରରେ କାମ ଦେଖାଇ ସବ୍ସିଡ଼ି ଚଳୁ କରିଦେବା ବରଂ ଭଲ ହେବ । ସେହି ଅନୁସାରେ ମିଛ ପୋଖରୀ, ମିଛ ମାଛ ଓ କାଗଜପତ୍ରରେ କୁକୁଡ଼ା ଫାର୍ମ ହେଲା, ଗଛ ନଥାଇ ଆମ୍ବ ବଗିଚା ହେଲା, କ୍ଷୀର ଉତ୍ପାଦନ ମଧ୍ୟ କାଗଜପତ୍ରରେ ଦେଖାଇ ଦିଆଗଲା ଇତ୍ୟାଦି । ପ୍ରୋତ୍ସାହନ ଅର୍ଥକୁ ନେତା, ଅଧିକାରୀ ଓ ହିତାଧିକାରୀ ବାଂଟି ଖାଇଲେ । ଏହି ପରମ୍ପରା ଏବେ ମଧ୍ୟ ଆମ ରାଜ୍ୟରେ ଜାରି ରହିଛି । ଆମ ରାଜ୍ୟ ଆଜି ପିଆଜ, ଆଳୁ, ଡ଼ାଲି, ମାଛ, ଅଣ୍ଡା, କାଗଜିଲେମ୍ବୁ, କଦଳୀ, ଆମ୍ବ ଆଦି ଫଳ ପାଇଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟ ଉପରେ ସଂପୂର୍ଣ୍ଣ ନିର୍ଭର ଶୀଳ । ସେଠାକାର ସରକାର, ନେତା ଓ ଅଧିକାରୀ ମାନଙ୍କ ଆନ୍ତରିକତା ଓ ରାଜ୍ୟର ବିକାଶ ପାଇଁ ଦୃଢ ମାନସିକତା ହିଁ ଆନ୍ଧ୍ର ଓ ଅନ୍ୟାନ୍ୟ ରାଜ୍ୟର ଉନ୍ନତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଓଡ଼ିଶାର ଏହି ଅବସ୍ଥା । କିଏ ଏଥିପାଇଁ ଦାୟୀ । ଆମ ରାଜ୍ୟରେ ଏସବୁ ଚାଷର ଉନ୍ନତି ପାଇଁ ଆମ ସରକାର ଏବେ ବି ପଦକ୍ଷେପ ନେଉଛନ୍ତି ଓ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି । ହେଲେ ସେସବୁ କେବଳ ଖାତାପତ୍ରରେ ସୀମିତ ରହି ଯୋଜନା ସଫଳ ବୋଲି ଦର୍ଶା ଯାଉଛି । ଅତୀତରେ ଓଡ଼ିଆ ମାନେ ସାଧୁ, ନମ୍ର, ସରଳ ଓ ଅତିଥି ପରାୟଣ ଥିଲେ । ଏବେ ବହୁ ଅଧିକ ପାଠ ପଢିଥିବା ବଡ଼ ଅଫିସର୍ ବି ସବୁଠୁ ବଡ଼ ଠକ ଓ ଦୁର୍ନୀତିଗ୍ରସ୍ତ ପାଲଟି ଯାଇଛି । ଏବେ ଓଡ଼ିଆ ଜାତି ଚରିତ୍ରର ପରିବର୍ତ୍ତନ ହୋଇ ଯାଇଛି ।

# ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କ ନୂଆ ଆହ୍ୱାନ

### ।। ପ୍ରଦେଶ ପ୍ରତ୍ୟୁଷ ।।

ବିଶ୍ୱ ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୂଟନୈତିକ ପ୍ରୟାସରେ ଗାଜାରେ ଇସ୍ରାଏଲ୍ ଓ ହମାସ ମଧ୍ୟରେ ଦୀର୍ଘ ଦୁଇ ବର୍ଷର ସଂଘର୍ଷ ଶେଷ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ଶାନ୍ତି ଚୁକ୍ତି ସଫଳ ହୋଇଛି । ଏହି ଐତିହାସିକ ପଦକ୍ଷେପ ବିଶ୍ୱବ୍ୟାପୀ ପ୍ରଶଂସା ମିଳିଛି ଏବଂ ଏହା ଏକ ନୂତନ ଆଶାର ସଂକେତ ସୃଷ୍ଟି କରିଛି । ଏହି ସଫଳତାର ପ୍ରତିଧ୍ୱନି ୟୁକ୍ରେନ୍ ପର୍ଯ୍ୟନ୍ତ ପହଂଚିଛି, ଯେଉଁଠାରେ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନସ୍କି ଏକ ଦୃଢ଼ ଆହ୍ୱାନ ଦେଇଛନ୍ତି – "ଯଦି ଗାଜାରେ ଯୁଦ୍ଧ ରୋକାଯାଇ ପାରେ, ତେବେ ୟୁକ୍ରେନରେ ମଧ୍ୟ ଶାନ୍ତି ସମ୍ଭବ ।" ଏହି ବୟାନ କେବଳ ଏକ ଆଶାବାଦୀ ବାର୍ତ୍ତା ନୁହେଁ, ବରଂ ବିଶ୍ୱ ଶାନ୍ତି ପାଇଁ ଏକ ନୂତନ ଦିଗନ୍ତ ଖୋଲିବାର ସମ୍ଭାବନା ସୃଷ୍ଟି କରିଛି ।ଗତ ଶୁକ୍ରବାର (ଅକ୍ଟୋବର ୧୧, ୨୦୨୫) ଜେଲେନସ୍କି ଟ୍ରମ୍ପଙ୍କ ସହ ଫୋନ୍ ଯୋଗେ ଆଲୋଚନା କରି ଗାଜା ଶାନ୍ତି ଚୁକ୍ତି ପାଇଁ ଅଭିନନ୍ଦନ ଜଣାଇ ଥିଲେ । ସେ କହିଥିଲେ, "ଯଦି ଗୋଟିଏ ଅଂଚଳରେ ଯୁଦ୍ଧ ରୋକାଯାଇ ପାରେ, ତେବେ ଅନ୍ୟ ଯୁଦ୍ଧକୁ ମଧ୍ୟ ରୋକିବା ସମ୍ଭବ ହୋଇପାରିବ – ଏହା ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ସଂଘର୍ଷକୁ ମଧ୍ୟ ସୂଚାଏ ।" ଏହି ବୟାନ ଅନ୍ତର୍ଜାତୀୟ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାର ବିଷୟ ସାଜିଛି । ଜେଲେନସ୍କିଙ୍କ ଏହି ଆହ୍ୱାନ କେବଳ ଶାନ୍ତିର ଆଶା ନୁହେଁ, ବରଂ ଟ୍ରମ୍ପଙ୍କୁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ଉପରେ ଚାପ ସୃଷ୍ଟି କରି ଆଲୋଚନାର ଟେବୁଲକୁ ଆଣିବା ପାଇଁ ଏକ ରାଜନୈତିକ ରଣନୀତି ମଧ୍ୟ ବୋଲି ବିଶ୍ଳେଷଣ କରାଯାଉଛି । ଗାଜାରେ ଟ୍ରମ୍ପଙ୍କ ସଫଳତା ଏକ ଉଦାହରଣ ସୃଷ୍ଟି କରିଛି ଯେ, କୂଟନୈତିକ ପ୍ରୟାସ ଓ ଅନ୍ତର୍ଜାତୀୟ ସମର୍ଥନ ଦ୍ୱାରା ଜଟିଳ ସଂଘର୍ଷର ସମାଧାନ ସମ୍ଭବ ।

ୟୁକ୍ରେନରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଅତ୍ୟନ୍ତ ଜଟିଳ । ରୁଷ୍ ?ର ଆକ୍ରମଣ ଜାରି ରହିଛି, ଏବଂ ୟୁକ୍ରେନର ବିଦ୍ୟୁତ୍ ଓ ଶକ୍ତି ସଂଯୋଗ ବ୍ୟବସ୍ଥା ଉପରେ ଲଗାତାର ଆକ୍ରମଣ ହେଉଛି । ଗତ ଶୁକ୍ରବାର କିଭ୍ ସମେତ ନଅଟି ସ୍ଥାନରେ ବିଦ୍ୟୁତ୍ ସଂକଟ ଦେଖା ଦେଇଥିଲା । ଜେଲେନସ୍କି ଟ୍ରମ୍ପଙ୍କୁ ଏହା ସୂଚନା ଦେଇ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାକୁ ସଶକ୍ତ କରିବା ପାଇଁ ଅନ୍ତର୍ଜାତୀୟ ସହାୟତାର ଆବଶ୍ୟକତା ଉପରେ ଜୋର ଦେଇଥିଲେ ।

ଏହା ସ୍ପଷ୍ଟ କରୁଛି ଯେ, ୟୁକ୍ରେନର ସଂଘର୍ଷ କେବଳ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ନୁହେଁ, ବରଂ ଏହାର ପ୍ରଭାବ ବିଶ୍ୱର ଅର୍ଥନୀତି, ଶକ୍ତି ସୁରକ୍ଷା ଓ ସ୍ଥିରତା ଉପରେ ପଡୁଛି । ଗାଜା ଚୁକ୍ତିରେ ବନ୍ଧକଙ୍କ ମୁକ୍ତି ଓ ଯୁଦ୍ଧବିରତିର ପ୍ରଥମ ପର୍ଯ୍ୟାୟ ସଫଳ ହେବା ପରେ ରୁଷ୍ ରାଷ୍ଟ୍ରପତି ପୁଟିନ୍ ମଧ୍ୟ ଏହାର ପ୍ରଶଂସା କରିଛନ୍ତି, ଯାହାକୁ ଏକ ଉତ୍ତମ ସଂକେତ ଭାବେ ଦେଖାଯାଉଛି । ଏହା ୟୁକ୍ରେନ୍ ପାଇଁ ଶାନ୍ତି ଆଲୋଚନାର ଏକ ସମ୍ଭାବନା ସୃଷ୍ଟି କରିପାରେ ବୋଲି କୁହାଯାଉଛି ।

ଭାରତୀୟ ଦୃଷ୍ଟିକୋଣରୁ ଏହି ଘଟଣାର ମହତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ୟୁକ୍ରେନ୍ ଓ ରୁଷ୍ ସହ ସନ୍ତୁଳିତ ସମ୍ପର୍କ ବଜାୟ ରଖିଛି । ଜାତିସଂଘରେ ଭାରତ ସର୍ବଦା ଶାନ୍ତି ଓ କୂଟନୈତିକ ସମାଧାନର ପକ୍ଷପାତୀ ରହିଛି । ଜେଲେନସ୍କିଙ୍କ ଏହି ଆହ୍ୱାନ ଭାରତର ଶାନ୍ତିପୂର୍ଣ୍ଣ ନୀତି ସହ ସମନ୍ୱୟ ରଖେ । ଗାଜାରେ ଟ୍ରମ୍ପଙ୍କ ସଫଳତା ପ୍ରମାଣ କରୁଛି ଯେ , କୂଟନୈତିକ ସଂଯୋଗ ଓ ଆନ୍ତର୍ଜାତିକ ସହଯୋଗ ଦ୍ୱାରା ଜଟିଳ ସଂଘର୍ଷର ସମାଧାନ ସମ୍ଭବ । ଏହା ମଧ୍ୟପ୍ରାଚ୍ୟ ତଥା ଦକ୍ଷିଣ ଏସିଆର ଅନ୍ୟ ସଂଘର୍ଷ, ଯେପରି ସୀମାନ୍ତ ବିବାଦ, ପାଇଁ ଏକ ପ୍ରେରଣା ହୋଇପାରେ ।

ଭାରତୀୟ ଦୃଷ୍ଟିକୋଣରୁ, ଏହା ଆମ ଦେଶର ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ନିୟୋଜିତ ଭୂମିକାକୁ ଆହୁରି ଦୃଢ଼ କରେ । ତଥାପି, ଏହି ଆଶାରେ ସତର୍କତାର ଆବଶ୍ୟକତା ରହିଛି । ରୁଷ୍ ? ପକ୍ଷରୁ ବାରମ୍ବାର ଶାନ୍ତି ଆଲୋଚନାରେ ଅଂଶଗ୍ରହଣ ପ୍ରତ୍ୟାଖ୍ୟାନ କରାଯାଇଛି । ଜେଲେନସ୍କି ନିଜେ ଏହାକୁ 'କାଗଜର ବାଘ' ଭାବେ ବର୍ଣ୍ଣନା କରିଛନ୍ତି, ଯାହା ସୂଚାଏ ଯେ କେବଳ ଆହ୍ୱାନ ଯଥେଷ୍ଟ ନୁହେଁ । ଶାନ୍ତି ପାଇଁ ଆନ୍ତର୍ଜାତୀୟ ସମୁଦାୟର ମିଳିତ ଚାପ, ଅର୍ଥନୈତିକ ନିଷେଧାଦେଶ ଏବଂ କୂଟନୈତିକ ସଂଯୋଗ ଆବଶ୍ୟକ । ୟୁରୋପୀୟ ସଂଘ ଏବଂ ନାଟୋର ସମର୍ଥନ ସତ୍ତ୍ୱେ, ଗାଜା ସଂଘର୍ଷ ପ୍ରତି ବିଶ୍ୱର ଧ୍ୟାନ କେନ୍ଦ୍ରୀଭୂତ ହେବା ଯୋଗୁଁ ୟୁକ୍ରେନ୍ ଅଣଦେଖା ହେଉଛି । ଜେଲେନସ୍କିଙ୍କ ଆହ୍ୱାନ ଏକ ଶକ୍ତିଶାଳୀ ସ୍ୱର ଉଠାଇଛି ଯେ, ଶାନ୍ତିର ଗତିକୁ ହଜିବାକୁ ଦିଅ ନାହିଁ ।

ପାଠକମାନେ ମନେରଖିବା ଉଚିତ୍ ଯେ ବିଶ୍ୱ ଶାନ୍ତି କୌଣସି ଏକ ଅଂଚଳରେ ସୀମିତ ନୁହେଁ । ୟୁକ୍ରେନ୍ କିମ୍ବା ଗାଜାରେ ଶାନ୍ତି ସମଗ୍ର ବିଶ୍ୱରେ ସ୍ଥିରତା ଆଣି ପାରେ । ଭାରତର ଶାନ୍ତିପୂର୍ଣ୍ଣ ନୀତି ଏହାକୁ ଆହୁରି ସଶକ୍ତ କରେ । ଆମେ ଆଶା କରୁଛୁ ଯେ, ଟ୍ରମ୍ପଙ୍କ ପ୍ରୟାସ ୟୁକ୍ରେନରେ ଶାନ୍ତି ଆଣିବ, ଏବଂ ଏହା ବିଶ୍ୱର ଅନ୍ୟ ସଂଘର୍ଷକୁ ସମାଧାନ ପାଇଁ ପଥ ପ୍ରଶସ୍ତ କରିବ । ଜେଲେନସ୍କିଙ୍କ ଏହି ଆହ୍ୱାନ ଏକ ନୂତନ ଆଶାର କିରଣ, ଯାହା ଆମକୁ ମନେପକାଇ ଦିଏ ଯେ ଶାନ୍ତି ସର୍ବଦା ସମ୍ଭବ । କେବଳ ଉତ୍ତମ ବୁଝାମଣା, ସମାଧାନର ମନୋବୃତ୍ତି ଓ ଉଦ୍ୟମର ଆବଶ୍ୟକତା ରହିଛି ।

*କୁସୁମଟାଙ୍ଗର, ମହୁଲପଡା, ଢେଙ୍କାନାଳ*
*ଫୋନ୍: ୭୦୦୮୪୩୧୨୫୭*

# ମା'କାଳୀ : ମା'ମୋର ଦୀପାନ୍ୱିତା

### ।। ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ସନାତନ ହିନ୍ଦୁ ଧର୍ମର ପ୍ରମୁଖ ଦେବୀ ହେଉଛନ୍ତି ମା'କାଳୀ । ସେ ହେଉଛନ୍ତି ଶକ୍ତି ସ୍ୱରୂପିଣୀ ମା'ଦୁର୍ଗାଙ୍କ ଭୟଙ୍କର ସ୍ୱରୂପ । ଅସୁରଙ୍କ ବିନାଶ ଉଦ୍ଦେଶ୍ୟରେ ତାଙ୍କର ଉତ୍ପତ୍ତି ହୋଇଥିଲା । ସମଗ୍ର ଭାରତବର୍ଷରେ ମା'କାଳୀଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ପଶ୍ଚିମବଙ୍ଗ ଏବଂ ଆସାମରେ ମା'ଙ୍କ ପୂଜା ପ୍ରବଳ ଉତ୍ସାହ ଏବଂ ଭକ୍ତିଭାବରେ ଆୟୋଜିତ ହୋଇଥାଏ । ମା'କାଳୀଙ୍କ ବ୍ୟୁତ୍ପତ୍ତି କାଳ ଅଥବା ସମୟ ସହ ହୋଇଛି । କାଳୀ ସମସ୍ତ ଦୁଷ୍ଟ ଶକ୍ତିକୁ ଗ୍ରାସ କରି ନିଅନ୍ତି । ସେ ହେଉଛନ୍ତି, ଦେବୀ ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ ଅନ୍ୟତମ । ଭଗବତୀ ମାତା କାଳୀ ପରମାତ୍ମାଙ୍କ ପରାଶକ୍ତି ଭଗବତୀ ନିରାକାର ହୋଇ ମଧ୍ୟ ପ୍ରତ୍ୟେକ ଯୁଗରେ ଦେବତା ତଥା ସାଧୁସନ୍ଥଙ୍କ ରକ୍ଷା ନିମନ୍ତେ ଅବତାର ଗ୍ରହଣ କରି ଆସିଛନ୍ତି । ତାଙ୍କ ଶରୀର ତାଙ୍କ ଇଚ୍ଛାର ବୈଭବ ବୋଲି କୁହାଯାଏ । ସେ ମହାମାୟା । ତାଙ୍କ ମାୟାର ଗୂଢ଼ ରହସ୍ୟ ଭେଦ କରିବା ଅସମ୍ଭବ । ସମଗ୍ର ବିଶ୍ୱର ସୃଜନ, ପାଳନ ଏବଂ ବିନାଶ ତାଙ୍କରି ହସ୍ତରେ ନିହିତ ରହିଛି । ମା'ଦୁର୍ଗାଙ୍କ ଦଶ ମହାବିଦ୍ୟାଙ୍କ ମଧ୍ୟରୁ କାଳୀ ହେଉଛନ୍ତି ପ୍ରଥମା ଶକ୍ତି । ତାଙ୍କର ଅନେକ ରୂପ ରହିଛି । ଯେମିତିକି ମହାକାଳୀ, ଶ୍ମଶାନ କାଳୀ, ଗୁହ୍ୟକାଳୀ, ଭଦ୍ରକାଳୀ, କାମ କାଳୀ, ଦକ୍ଷିଣ କାଳୀ ଆଦି । ଏହି ଶକ୍ତିସ୍ୱରୂପିଣୀ ମା'ଙ୍କ ଆରାଧନା କରୁଥିବା ଭକ୍ତର ଅଶେଷ କଲ୍ୟାଣ ସାଧିତ ହୋଇଥାଏ ।

ଆମେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ । ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା । ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ । ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା । ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ । ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରାନ୍ତାସିପାଶିନି'' । ଏଇ କାଳୀ କିଏ ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ । ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା । ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା । ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସୃଷ୍ଟି ଯେତେବେଳେ ବିଡ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ । ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରକୃତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡ଼ି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ । କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱିକ ଗତିବେଗ ସଂଚରିତ କରିବା । ୧୯୫୬ ସାଲରେ ନଭେମ୍ବର ମାସରେ କାଳୀପୂଜା ଦିନ ସନ୍ଧ୍ୟାରେ ପୁରୁଷୋତ୍ତମ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନିକଟରେ ଦୀପାବଳୀ ଓ କାଳୀପୂଜା ସମ୍ପର୍କରେ କଥାବାର୍ତ୍ତା ହେଉଥିଲା ସମୟରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଦୟାପରବଶ ହୋଇ କହିଲେ - କାଳୀ ମଧ୍ୟରେ କଲ୍ ଧାତୁ ଅଛି । କଲ୍ ଧାତୁର ଅର୍ଥ ଗତି, ଗଣନା, ଶବ୍ଦ ଓ ସଂଖ୍ୟାନ । ମୋର ମନେହୁଏ ମା'କାଳୀ ମାନେ - ସଂଖ୍ୟାୟନୀ ଓ ଗତିସମ୍ପନ୍ନା ଯିଏ, ଅର୍ଥାତ୍ ଗୁଣିତ ହୋଇ ଯିଏ ବର୍ଦ୍ଧନ ଅଭିମୁଖେ ଗତି କରନ୍ତି । କ'ଣ ଗୁଣିତ ହୁଏ । ମା'ଙ୍କର ସତା ସମ୍ପଦ ଅର୍ଥାତ୍ ସ୍ନେହ-ମମତା, କଲ୍ୟାଣମୟୀ ପ୍ରକୃତି, ସତାସଂଘାତୀ ଶକ୍ତି ବିରୁଦ୍ଧରେ ପରାକ୍ରମ ଗୁଣିତ ହୋଇ ବୃଦ୍ଧିପ୍ରାପ୍ତ ହୁଏ । ଯେଉଁମାନେ ମା'କାଳୀଙ୍କୁ ପୂଜା କରନ୍ତି ଓ ଭଲ ପାଆନ୍ତି, ସେମାନଙ୍କ ଭିତରେ ଏହି ସବୁ ଗୁଣ ବୃଦ୍ଧିପାଏ ଓ ଅନ୍ତରରେ ମହାଶକ୍ତିର ଜାଗରଣ ଘଟେ ।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ । ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ । ଏହି ଶକ୍ତି ହେଲା ଜୀବନୀ ଶକ୍ତି । ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଲୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ । ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି । ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା । ଏହା ହେଉଛି ମା'କାଳୀଙ୍କର ଏକ ରୂପ । ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ । ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ । ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା । ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତ୍ରୀକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା । ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ । ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ । ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା । ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ ପ୍ରତ୍ୟକ୍ଷ କରିଛନ୍ତି । ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ । ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୂଳାନୀ, କଲ୍ୟାଣୀ କାଳୀ, ସତାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା' ।

ଆଜିର ଏହି ପବିତ୍ର ଦିବସରେ ଆସନ୍ତୁ ସେହି ମହାନ୍ ଜ୍ୟୋତିକୁ ସ୍ୱାଗତ କରିବା ଓ ବିଶ୍ୱରୁ ଅଜ୍ଞାନର ଅମାଅନ୍ଧକାର ଦୂରେଇ ଦେବା ପାଇଁ ପ୍ରାର୍ଥନା କରି କାହାକୁ କ୍ଷତି ପହଞ୍ଚାଇବା ଠାରୁ ଦୂରେଇ ରହି ଦୀପାବଳି ଉତ୍ସବ ପାଳନ କରିବାକୁ ଶପଥ ନେବା । ଦୀପାବଳିର ପବିତ୍ର ସନ୍ଧ୍ୟାରେ ପ୍ରଜ୍ୱଳିତ ପ୍ରଦୀପକୁ ସ୍ୱାଗତ କରି କହିବା - 'ସର୍ବେ ଭବନ୍ତୁ ସୁଖିନ, ସର୍ବେସନ୍ତୁ ନିରାମୟା...' ।

*ପ୍ରତିଶତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ଭଗବତ ଚିନ୍ତନରେ ଭକ୍ତିଯୋଗ

### ।। ଅଲେଖ ଚନ୍ଦ୍ର ସାମଲ ।।

ସାଧାରଣରେ ଆମମାନଙ୍କ ଭିତରେ ଏକ ଅନୁସନ୍ଧିତ୍ସା ସୃଷ୍ଟି ହୁଏ ଯେ ଭଗବତ ଚିନ୍ତନ ସହ ଆମେ ଯୋଗ କିପରି ଅଭ୍ୟାସ କରିପାରିବା । ପ୍ରତ୍ୟେକଟି ଅବସ୍ଥାରେ ଯେ କେହି ଭକ୍ତି ଯୋଗ ଅଭ୍ୟାସ କରିପାରିବେ । ଭକ୍ତି ପ୍ରାପ୍ତ କରିବା ପାଇଁ ବିଦ୍ୟା-ଶିକ୍ଷା, କଠୋର ଆତ୍ମ ସଂଯମ, ବେଦ ଅଧ୍ୟୟନ ଏବଂ ମେଧା ଓ ପ୍ରଜ୍ଞା ଅନାବଶ୍ୟକ । କେବଳ ବିଶ୍ୱାସର ସହ ଭଗବତ୍ ଚିନ୍ତନରେ ବୁଡ଼ି ରହିବା ଓ ପ୍ରତିଟି ମୁହୂର୍ତ୍ତକୁ ଭଗବାନଙ୍କ ଦିବ୍ୟ ନାମ ସ୍ମରଣରେ ଉତ୍ସର୍ଗ କରି ସାଧନାରତ ରହିବା ଯାହାଦ୍ୱାରା ଆମ ସମସ୍ତଙ୍କ ପାଇଁ ଭକ୍ତି ମାର୍ଗ ସଦା ଉନ୍ମୁକ୍ତ ରହିବ । ପୁରାଣର କଥା ଟିକେ ଆଲୋଚନା କରିବା । ନିଷାଦ ନୀଚ-କୁଳ-ସଂଭୂତ ଥିଲେ; ଶାବରୀ ଥିଲେ ଗ୍ରାମ୍ୟ ବାଳା; ଧ୍ରୁବ ଥିଲେ ଅଶିକ୍ଷିତ ବାଳକ; ବିଦୁର ଏବଂ ସୁଦାମା ଥିଲେ ଗରିବ; ବିଭୀଷଣ ଥିଲେ ରାକ୍ଷସ; ହନୁମାନ ବାନର; ଜଟାୟୁ ପକ୍ଷୀ; ଗଜେନ୍ଦ୍ର ହସ୍ତୀ, ବୃନ୍ଦାବନର ଗୋପୀମାନେ ବୈଦିକ ଧର୍ମ-ଦର୍ଶନ-ଶାସ୍ତ୍ର ସହ ଥିଲେ ଅପରିଚିତ; କିନ୍ତୁ ଏହି ସମସ୍ତ ଭକ୍ତମାନେ ସେମାନଙ୍କ ଆରାଧ୍ୟ ଭଗବାନଙ୍କ ସାନ୍ନିଧ୍ୟ କୃପାପ୍ରାପ୍ତ ହୋଇପାରିଥିଲେ କେବଳ ନିରଳସ ଆତ୍ମୋତ୍ସର୍ଗ ଓ ଭକ୍ତିପାଇଁ । ଭଗବାନଙ୍କ ଠାରେ ନିଜକୁ ଆତ୍ମ ସମର୍ପଣ କରିବା ହିଁ ଭକ୍ତିର ଅର୍ଥ ଏହା ହେଉଛି ଆମ ପ୍ରଭୁଙ୍କ ପ୍ରତି ପ୍ରେମ ସମର୍ପଣ । ଶ୍ରଦ୍ଧା ଏବଂ ବିଶ୍ୱାସ ହେଉଛି ଭକ୍ତିର ପ୍ରାଥମିକ ଅବସ୍ଥା । ଏମାନେ ଭକ୍ତିରେ ପରିଣତ ହୁଅନ୍ତି । ଭକ୍ତି ମାର୍ଗରେ ବିଶ୍ୱାସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସରଳ, ପ୍ରେମପୂର୍ଣ୍ଣ ହୃଦୟରେ ଶ୍ରଦ୍ଧା ଓ ବିଶ୍ୱାସ ଦ୍ୱାରା ଏହାକୁ ପ୍ରାପ୍ତ କରାଯାଇପାରେ । ଅର୍ଚ୍ଚନ, ବୈରାଗ୍ୟ ଓ ବ୍ରହ୍ମଚାର୍ଯ୍ୟ ବି ଜରୁରୀ । ଭଗବାନ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଆମେ ସମସ୍ତେ ଜାଣିଛେ ଭଗବାନ ରାମଚନ୍ଦ୍ର କିପରି ଭିଲ୍ ଯୁବତୀ ଶାବରୀ ହାତରୁ ଅଇଁଠା ଫଳ ଗ୍ରହଣ କରିଥିଲେ । ସୁଦାମାଙ୍କ ଖୁଦ-ପିଠା ଶ୍ରୀକୃଷ୍ଣଙ୍କର ସବୁଠାରୁ ପ୍ରିୟ ଥିଲା । ଅର୍ଥାତ୍ ଭଗବାନ ଭକ୍ତ ଠାରୁ ଚାହାଁନ୍ତି ତା'ର ପ୍ରେମପୂର୍ଣ୍ଣ ହୃଦୟ । ସେ ଏକ ବିଶାଳ ମନ୍ଦିର କି ଉପହାର ଚାହାଁନ୍ତିନାହିଁ । ଭକ୍ତି ଯୋଗ ମାର୍ଗରେ କ୍ରୋଧ, ଲୋଭ, ମୋହ, ମାୟା, କାମନା, ଈର୍ଷା, ଘୃଣା, ଅଂହ ଆଦି ବାଧକ । ଏଣୁ ଏସବୁଠାରୁ ସର୍ବଦା ଦୂରେଇ ରହିବା ଆବଶ୍ୟକ ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨

# ପାଟି ଖୋଲାକରି ଶୋଉଛନ୍ତି କି ?

### ।। ନାରାୟଣ ଚନ୍ଦ୍ର ବିଶ୍ୱାଳ ।।

ଅନେକ ଲୋକଙ୍କର ଶୋଇବା ସମୟରେ ପାଟି ଖୋଲା ରଖିବାର ଅଭ୍ୟାସ ଥାଏ । ଏହାକୁ ଅନେକ ହାଲକା ଭାବେ ଧରିନେଇଥାନ୍ତି କିନ୍ତୁ ଏହା ବାସ୍ତବରେ ସାମାନ୍ୟ କଥା ନୁହେଁ । କାରଣ ଏହା ଦ୍ୱାରା ଆମ ଶରୀରର ଅନେକ କ୍ଷତି ହୋଇଥାଏ । ବିଶେଷକରି ପିଲାମାନେ ଅନେକ ସମୟରେ ପାଟି ଖୋଲା କରି ଶୋଇବାର ଆମେ ଦେଖିଥାଉ । ତେଣୁ ଏହି ସମ୍ବନ୍ଧୀୟ ଆଜିର ଆଲୋଚନାଟିଏ ରଖୁଛୁ । ସମସ୍ତଙ୍କ ପାଇଁ ଶୋଇବା ହେଉଛି ସୁସ୍ଥ ଶରୀରର ଆବଶ୍ୟକତା । କାରଣ ଶୋଇବା ସମୟରେ ହିଁ ଶରୀରର ଏକ ପ୍ରକାର ପୁର୍ନ୍ନିର୍ମାଣ ହୋଇଥାଏ ଯାହାଦ୍ୱାରା ଲୋକଟି ଆଗାମୀ ଦିନ ପାଇଁ ସତେଜ ରହିବାର ଏକ ପ୍ରକାର ଶକ୍ତି ପାଇଥାଏ । କିଛି ଲୋକ ପ୍ରାଥମିକ ଅବସ୍ଥାରୁ ପାଟି ଖୋଲା କରି ଶୋଇବାର ଅଭ୍ୟାସ ଏକ ପ୍ରକାର ଆରମ୍ଭ କରିଦେଇଥାନ୍ତି । ଧୀରେ ଧୀରେ ଏହା ଏକ ସ୍ୱାସ୍ଥ୍ୟଜନିତ ବଦଭ୍ୟାସର ଦିଗକୁ ନେଇଥାଏ । ଏହା ଆମମାନଙ୍କ ସ୍ୱାସ୍ଥ୍ୟକୁ ଯେ ପ୍ରଭାବିତ କରିଥାଏ ଅନେକ ଜାଣିନଥାନ୍ତି । ଏହି ବଦଭ୍ୟାସ ଅନେକ ରୋଗର କାରଣ ହୋଇଥାଏ ।

ବିଭିନ୍ନ କାରଣ ପାଇଁ ପାଟି ଖୋଲା କରି ଶୋଇବାର ଯେଉଁ ବଦଭ୍ୟାସ ରହିଥାଏ ଅନେକ ଜାଣିନଥାନ୍ତି ନାକରେ କୌଣସି ସମସ୍ୟା ଥିଲେ ବା ନାକରେ ଏୟାର ୱେ ବନ୍ଦ ରହୁଥିଲେ ଥଣ୍ଡା ରହୁଥିଲେ, ଆଜମା ସମସ୍ୟା ଥିଲେ ଏପରିକି ଆଲର୍ଜି ଥିଲେ ଜଣେ ଶୋଇବା ସମୟରେ ପାଟି ଖୋଲା ରଖିଥାନ୍ତି । ସେହିପରି ମାନସିକ ରୋଗ ବିଶେଷଜ୍ଞ କୁହନ୍ତି ଯେ ପାଟି ଖୋଲା ରଖି ଶୋଇବାର କାରଣ ହେଉଛି ସ୍ଲିପ ଆପାନିଆ । ଶୋଇବା ସମୟରେ ପାଟି ଖୋଲା ରହିବା ଦ୍ୱାରା ଅମ୍ଳଜାନ ଶରୀର ଭିତରକୁ ସଠିକ ଭାବରେ ଯାଇପାରିନଥାଏ । ଆଉ ପୀଡ଼ିତ ଜଣଙ୍କ ସ୍ଲିପ ଆପାନିଆର ଶିକାର ହୋଇଥିଲେ ସେମାନଙ୍କର ଏହି ପାଟି ଖୋଲା ରଖିବା ସମସ୍ୟା ଦ୍ୱାରା କାର୍ଡିଓ ଭାସ୍କୁଲାର ଯେପରି କି ହୃଦଘାତ, ଉଚ୍ଚରକ୍ତଚାପ ଓ ଡାଇବେଟିସ ପରି ସମସ୍ୟାକୁ ବଢ଼ାଇ ଦେଇଥାଏ । ସେହିପରି ଜଣଙ୍କର ପାଟି ଭିତର ଅଂଶ ଶୁଖିଲା ହୋଇଯିବା ଦ୍ୱାରା ଓଠ ଫାଟିବା ସହ ପାଟିରେ ସଂକ୍ରମଣ ହୋଇଥାଏ ଯାହାଦ୍ୱାରା ଲୋକଟି ଖାଦ୍ୟର ସ୍ୱାଦ ବା ଗନ୍ଧ ଜାଣିବାର ସୁଯୋଗ ପାଇନଥାଏ । ଆଉ ବ୍ୟକ୍ତି ଜଣଙ୍କ ସ୍ଲିପ ଆପାନିଆ ପୀଡ଼ିତ ହୋଇଥିଲେ ରାତିରେ ଠିକ ଭାବେ ଶୋଇ ପାରିନଥାନ୍ତି ତେଣୁ ବ୍ୟକ୍ତି ଜଣଙ୍କ ଦିନରେ ଢ଼ୋଳେଇବାକୁ ବାଧ ହୋଇଥାନ୍ତି । କୌଣସି କାର୍ଯ୍ୟଥିଲେ ଏହା ସେମାନଙ୍କୁ ବାଧକ ସାଜିଥାଏ ।

ପାଟି ଖୋଲାରଖି ଶୋଇବା ଦ୍ୱାରା ଆମ ଶରୀରର ସାମ୍ନା ଅଂଶ କୁହାଯାଉଥିବା ଦାନ୍ତ ଉପରେ ପାର୍ଶ୍ୱିକ କୁପ୍ରଭାବ ପକାଇଥାଏ । କାରଣ ପାଟି ଖୋଲା ରହିବା ଦ୍ୱାରା ଭିତରକୁ ପବନ ଯିବା ସମ୍ଭବ ହୋଇଥାଏ ଫଳରେ ଭିତରେ ଥିବା ଲାଳକୁ ଏହା ଶୁଷ୍କ କରିଦିଏ । ସବୁଠାରୁ ସଂଗୀନ କଥା ହେଉଛି ଲାଳ ତିଆରି କରୁଥିବା ଫ୍ଲଜକୁ ଏହା ବାଧା ପହଂଚାଇ ଦେଇଥାଏ ଯାହାଦ୍ୱାରା ପାଟି ଭିତରେ ଅନେକ ପ୍ରକାର ବ୍ୟାକ୍ଟେରିଆ ବଢ଼ିଯାଆନ୍ତି । ତେଣୁ ସ୍ୱାଭାବିକ ଭାବେ ଦାନ୍ତ ନଷ୍ଟ ହେବାର ଆଶଙ୍କା ରହିଥାଏ ଏବଂ ପରବର୍ତ୍ତୀ ସମୟରେ ଲାଳର ଅଭାବ ଯୋଗୁଁ ଦାନ୍ତରେ ସଂକ୍ରମଣ, ପାଟି ଦୁର୍ଗନ୍ଧ ଓ କ୍ୟାବିଟିଜ ପରି ସମସ୍ୟା ଦେଖାଦେଇଥାଏ ।

ପାଟି ଖୋଲା ରଖିବା ଦ୍ୱାରା କେବଳ ନାକ ବା ଦାନ୍ତ ନୁହଁ ଏହା ହୃଦଘାତର ଆଶଙ୍କାକୁ ମଧ୍ୟ ବଢ଼ାଇ ଦେଇଥାଏ । କାରଣ ପାଟି ଖୋଲା ରହିବା ଦ୍ୱାରା ହୃଦଘାତର ସମ୍ଭାବନା ବଢ଼ି ଯାଇଥାଏ । କାରଣ ପାଟି ଖୋଲା ରହିବା ଦ୍ୱାରା ଶୋଉଥିବା ବ୍ୟକ୍ତିଟି ନାକ ପରିବର୍ତ୍ତେ ପାଟିରେ ନିଶ୍ୱାସ ନେବାକୁ ବାଧ ହୋଇଥାନ୍ତି ଯାହାଦ୍ୱାରା ଶରୀରକୁ ଯଥାର୍ଥ ପରିମାଣର ଆବଶ୍ୟକୀୟ ଅମ୍ଳଜାନ ମିଳିନଥାଏ । ଧମନୀରେ ରକ୍ତ ପ୍ରଭାବ ଠିକ ଭାବରେ ନହୋଇପାରିବା ଦ୍ୱାରା ଏହା ଜଣଙ୍କର ହୃଦୟ ଉପରେ ପ୍ରଭାବ ପକାଇଥାଏ । ସେହିପରି ପାଟି ଖୋଲା ରଖି ଶୋଇବା ଦ୍ୱାରା ବ୍ୟକ୍ତି ଜଣଙ୍କର ଆଜମା ସମସ୍ୟା ସୃଷ୍ଟି ହୋଇଥାଏ କାରଣ ପାଟି ଖୋଲା କରି ଶୋଇବା ଦ୍ୱାରା ଫୁସଫୁସକୁ ଅଧିକ କାମ କରିବାକୁ ଏକ ପ୍ରକାର ଚାପ ପଡ଼ିଥାଏ । ତେଣୁ ଚାପ ଗ୍ରସ୍ତ ଫୁସଫୁସ ଆଜମାର ସହଜ ଶିକାର ହୋଇଥାଏ । ସେହିପରି ପାଟି ଖୋଲି ଶୋଇବା ଦ୍ୱାରା ଓଠ ଶୁଖିଯାଏ ଯାହାଦ୍ୱାରା ପାଟି ଭିତରେ ଲାଳ ଶୁଖିଯାଇ ଖାଦ୍ୟ ହଜମରେ ସମସ୍ୟା ଦେଖାଯାଏ । ତେଣୁ ଜଣେ ପ୍ରକାରାନ୍ତରେ ବଦହଜମୀର ଶିକାର ହୋଇ ଏହା ଲିଭର ଓ କେତେକ କ୍ଷେତ୍ରରେ କିଡ଼ନୀକୁ ମଧ୍ୟ ପ୍ରଭାବିତ କରିଥାଏ ।

ଅନେକ ଲୋକ ନାକରେ ନିଶ୍ୱାସ ନ ନେଇ ପାଟି ବାଟେ ନିଶ୍ୱାସ ନେବାକୁ ଏକ ପ୍ରକାର ସ୍ୱାସ୍ଥ୍ୟପ୍ରଦ, ନିରାପଦ ଆଉ ନିଜର ବାହାଦୂରୀ ଅଭ୍ୟାସ ବୋଲି ଭାବି ନେଇଥାନ୍ତି । ତେବେ ପ୍ରମୁଖ ସମସ୍ୟା ହେଉଛି ପାଟି ଗନ୍ଧ ହୋଇଥାଏ । କାରଣ ଇଏନଟି ଶାସ୍ତ୍ର କହୁଛି ପାଟି ଖୋଲା ରହି ଶୋଇବା ଦ୍ୱାରା ପବନରେ ଥିବା ବ୍ୟାକ୍ଟେରିଆମାନେ ସହଜରେ ଦାନ୍ତ ଓ ପାଟି ଭିତରକୁ ଯାଇ ଶରୀରର ଅଭ୍ୟନ୍ତର ଅଙ୍ଗ କ୍ଷେତ୍ର ପର୍ଯ୍ୟନ୍ତ ପହଂଚୁ ଯାଆନ୍ତି ଯାହାଦ୍ୱାରା ପାଟି ସଂକ୍ରମଣ ହୋଇ ପାଟିରୁ ଦୁର୍ଗନ୍ଧ ବାହାରିଥାଏ । ସମାଜରେ ଅନ୍ୟ ମାନଙ୍କ ଆଗରେ ଏହା ଏକ ପ୍ରକାର ଅପମାନଜନକ ପରିସ୍ଥିତି ଭିତରକୁ ଆପଣଙ୍କୁ ଠେଲିଦିଏ । ତେଣୁ ସର୍ବ ପ୍ରଥମେ କିଛି ସର୍ବନିମ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାକୁ ଗ୍ରହଣ କରନ୍ତୁ । ନିଜର ନାକପୁଡ଼ା ପରିଷ୍କାର ରଖନ୍ତୁ, ପାଟି ଖୋଲା ରଖି ଶୋଇବାର ବଦଭ୍ୟାସ ଠାରୁ ନିଜକୁ ଦୂରେଇବା ପାଇଁ ଅନ୍ତତଃ ଚେଷ୍ଟା କରନ୍ତୁ । ପାଟି ଓ ଦାନ୍ତ ସଫା କରନ୍ତୁ, ନିଶା ସେବନ ଅଭ୍ୟାସ ଥିଲେ ଏଥିରୁ ଦୂରେଇ ରୁହନ୍ତୁ ବିଶେଷ କରି ଧୂମପାନ ଅଭ୍ୟାସ ଥିଲେ ତୁରନ୍ତ ଏହାକୁ ଛାଡ଼ନ୍ତୁ । ପେଟ ପରିଷ୍କାର ରହିବାର ଅଭ୍ୟାସ ରଖନ୍ତୁ, ନିଜ ସ୍ୱାସ୍ଥ୍ୟଗତ କ୍ଷେତ୍ର ପାଇଁ ଭଲ ରୁଟିନ ଟିଏ ତିଆରି କରନ୍ତୁ ଯେପରି ସଠିକ ସମୟରେ ଖାଇବା ଓ ଶୋଇବା । ଏକ ମୁକ୍ତ ପବନ ଆତଯାତ ହେଉଥିବା ପରିବେଶରେ ଶୋଇବା କ୍ଷେତ୍ର ନିର୍ଣ୍ଣୟ କରନ୍ତୁ । ବିରକ୍ତିକର ବା ଉତ୍ତେଜିତ ହୋଇ ନିଦ୍ରାକୁ ଯାଆନ୍ତୁ ନାହିଁ । ଆପଣଙ୍କର ପରିବାରର କାହାର ଏହିପରି ଅଭ୍ୟାସ ଥିଲେ ବା କର୍ଣ୍ଣ-ନାସା-ଗଳା ସମ୍ବନ୍ଧୀୟ ଆପଣଙ୍କର କୌଣସି ସମସ୍ୟା ଥିଲେ ତୁରନ୍ତ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ହଁ, ଆଉ ଗୋଟିଏ କଥା ମନେରଖନ୍ତୁ କୌଣସି ଦେଶୀୟ ବା ତୁଟୁକା ଚୁଟୁକି ଚିକିତ୍ସା ଆପଣାନ୍ତୁ ନାହିଁ ଏହା ଆପଣଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ କିମ୍ବା ଅନ୍ୟ ସ୍ୱାସ୍ଥ୍ୟଗତ ପରିପାର୍ଶ୍ୱିକ ବିପଦକୁ ନିମନ୍ତ୍ରଣ କରିପାରେ ।

ମଙ୍ଗଳାବାଗ, କଟକ,
ମୋ-୯୪୩୮୨୭୬୭୬୦

